# ଶୋକସଭା

ଗାଁଠାରୁ ଅଳ୍ପ ଦୂରରେ ଏକ ତୋଟା । ତୋଟା ଭିତରେ ଏକ ବିରାଟ ବରଗଛ । ଦେଖିବାକୁଗଲେ ବରଗଛଟା ତୋଟାର ବାରପଣ ସ୍ଥାନ ଅଧିକାର କରିଚି । ଗାଁ ଆଗ ବସିଚି କି ବରଗଛ ଆଗ ଉଠିଚି, ସେ କଥା କହିବାକୁ ସେ ଗାଁରେ କେହି ନାହାନ୍ତି ।

ଗାଁ ? ସେ ଗାଁର ନାଁ ଜାଣିବା କିଛି ଦରକାର ନାହିଁ । ଓଡ଼ିଶାର ଇତିହାସପୃଷ୍ଠାରେ ସେ ଗାଁର ନାଁ ନାହିଁ - ନାଁ ଯେ କେବେ ସ୍ଥାନ ପାଇବ ସେ କଥା ଭବିଷ୍ୟତ ଗର୍ଭରେ । ଚିଲିକାର କୂଳେ କୂଳେ ଯାଇଥିବା ମାନ୍ଦ୍ରାଜ-ସଡ଼କଠାରୁ ପଶ୍ଚିମକୁ ତିରିଶି ମାଇଲ ଦୂର ଗଲେ ଏଇ ଗଳ୍ପବର୍ଣ୍ଣିତ ଗାଁ ।

ଗାଁଟି ଛୋଟ । ଗାଁ ସିନା ଛୋଟ; ମାତ୍ର ଏଇ ଗାଁର ଛୋଟ ଲୋକଙ୍କ ହାତ ଟାଟା, କଲିକତା, ରେଙ୍ଗୁନର କେତେ ପକ୍‌କାଘର ତିଆରିରେ ଲାଗିଚି, ତାର ଠିକଣା ନାହିଁ । ଏଇ ଛୋଟ ଲୋକଙ୍କ ହାତରେ ତିଆରି ଖଟ, ପଲଙ୍କ, ମେଜ, ଚଉକିରେ କେତେ ବଡ଼ଲୋକଙ୍କ କାରବାର ହୁଏ ତାର ହିସାବ ନାହିଁ । କୁଲିରୂପେ, ମଜୁରିଆରୂପେ ଓଡ଼ିଶାର ଏଇ ଛୋଟ ଗାଁଟିର ଲୋକେ ଭାରତର ବଡ଼ ବଡ଼ ସହରରେ ପରିଚିତ । ଛାଡ଼ ସେ କଥା । କେବଳ ସେଇ ଛୋଟ ଗାଁ, ଗାଁର ସେଇ ତୋଟା, ତୋଟା ଭିତରେ ବରଗଛ ତଳର ମଶାଣି ସହିତ ଏ ଗଳ୍ପର ସମ୍ପର୍କ । ଗାଁ ଓ ମଶାଣିର ବୟସ ଭିତରେ ବେଶି କିଛି ତଫାତ୍ ନାହିଁ । ଗାଁ ବସୁ ବସୁ ମଶାଣି ସୃଷ୍ଟି ହୋଇଥିବ । ହୁଏତ ବସିଲା ଦିନ ହୋଇଥାଇପାରେ । ତେଣୁ ଏଠାରେ ଗାଁ କଥା ନ କହି ମଶାଣି କଥା କହିଲେ ଗାଁ କଥାଟା ବି ବେଶ୍ ବୁଝିହେବ ।

ମଶାଣି - ଆଗେ ସେ ମଶାଣିରେ ଲୋକେ ପୋଡ଼ାଯାଉଥିଲେ । ନିଆଁ ଜଳୁଥିଲା, ଦରପୋଡ଼ା ହାଡ଼, ମୁଣ୍ଡ ଚାରିପଟେ ବିଛେଇ ହୋଇ ପଡୁଥିଲା । ରଇ ଲିଭିଗଲେ ପାଉଁଶ ଅଙ୍ଗାର ଜମାହେଉଥିଲା । ମାତ୍ର ଏବେ ଏଇ ଗଳ୍ପବର୍ଣ୍ଣିତ ଘଟଣା ସମୟରେ ମଶାଣିର ନିଆଁ ଲିଭିଯାଇଚି । ନିଆଁ ଲିଭିଚି ସତ; ମାତ୍ର ମଶାଣିଟା ମଶାଣିଠାରୁ ଭୟଙ୍କର ହୋଇଚି । ଆଗେ ଶବବାହୀ ମଣିଷର ସ୍ୱର ସେ ଭୂଇଁ ପାଖରେ ବେଳେବେଳେ ଶୁଣାଯାଉଥିଲା, ଏବେ ଶୁଣାଯାଉଚି ଶାଗୁଣା, ଶୃଗାଳ, କୁକୁରର ସ୍ୱର । ଏ ସ୍ୱର ଦିନରେ ତ ଶୁଭୁଚି, ରାତିରେ ମଧ ଶୁଭୁଚି । ନିଆଁ ଜଳୁନାହିଁ ସତ; ମାତ୍ର ଯେଉଁଥିପାଇଁ ନିଆଁ ଜଳେ ତାହା ଆସି ସେଠାରେ ପଡୁଚି । ଗୋଟା ଗୋଟା ନୁହେ, ଗଣ୍ଡା ଗଣ୍ଡା ଶବ ଚାରିଆଡ଼େ ଫିଙ୍ଗାଯାଉଚନ୍ତି । କି ବିକଟ ବିକଳାଙ୍ଗ ଦୃଶ୍ୟ ! ନିଆଁ ଜଳି ଯେଉଁ ବିଭୀଷିକାକୁ ମୁହୂର୍ତ୍ତକ ମଧରେ ଲୁଚାଇଦେଉଥିଲା ତାହା ଏବେ ନିଆଁ ଅଭାବରେ ଶତଗୁଣିତ ହୋଇପଡ଼ିଚି । ଗୋଟା ଗୋଟା ନରମୁଣ୍ଡ ନାନା ସ୍ଥାନରେ ଗଡୁଚି, ଖଣ୍ଡ ଖଣ୍ଡ ଅସ୍ଥି ଠା' ଠା' ପଡୁଚି । ତାକୁ ନ ଦେଖିବାକୁ ଗତି ନାହିଁ; ଚାହିଁବାକୁ ଧୈର୍ଯ୍ୟ ନାହିଁ ।

ଗାଁରେ ମୃତ୍ୟୁର ଏଇ ଜୟଯାତ୍ରା ସମୟରେ ଭଗୀ ବେହେରା ବରାବର ସେଇ ତୋଟା ଭିତରେ ଗାଈଗୋଠ ଜମାକରେ । ସେ ସମୟଟା ଗ୍ରୀଷ୍ମକାଳ । ତୋଟା ବାହାରେ ଦୂର ଦିଗ୍‌ବଳୟ ସୀମାଧରି ବୈଶାଖ ମାସର ଖରା; ଉପରୁ କେବଳ ନିଆଁ ବର୍ଷୁଥାଏ । ଗାଈଗୋରୁ ଗଛଛାଇ ତଳେ ଘୁମାଉଥାନ୍ତି । ନିଦାଘ-କାତର କପୋତ ବେଳେବେଳେ ଗୁମୁରିଉଠି ଆଖପାଖ ପୃଥିବୀକୁ କମ୍ପାଇ ଡାକ ଦିଏ - 'ଉଠୁ ରେ ପୁତା ଉଠୁ, ମାଣକ ପୂରିଲା ଉଠୁ ।' ତାର ଏଇ ଡାକରେ ଅନାଦିକାଳରୁ ତାର ପୁତା ତ ଉଠିନାହିଁ, ବରଗଛତଳ ମଶାଣି ପଡ଼ିଆରୁ କାହାର ପୁତା ମଧ ଉଠିନାହାନ୍ତି । ତଳେ ଗାଈଗୋଠ ଭିତରେ ଶୋଇଥାଏ ଭଗୀ ବେହେରା; ସେଇ କେବଳ ଉଠେ, ଉଠି ଚାରିଆଡ଼କୁ ଚାହେଁ ତାର ଗାଈଗୋରୁ ଠିକ୍ ସ୍ଥାନରେ ଅଛନ୍ତି କି ନାହିଁ ।

ଭଗିଆ ଶୋଇଥାଏ ତାର ବଡ଼ ବଡ଼ ଦୁଇଟା ଖଡ଼ମକୁ ତକିଆକରି ତଳେ, ଖାଲି ଦେହଟାରେ । ତା' ରି ଆଗରେ ଦିନକୁ ଗୋଟେ ଦି' ଟା ଶବ ମଶାଣି ଭୂଇଁରେ ଶୁଅନ୍ତି; ତା' ରି ମୁଣ୍ଡ ଉପରେ କୁଆ ଶାଗୁଣା ଉଡ଼ି ବୁଲନ୍ତି । ତା' ରି ଏପାଖେ ସେପାଖେ ବିଲୁଆକୁକୁର ଖଣ୍ଡେଅଧେ ଦର ଶୁଖିଲା ହାଡ଼ ଧରି କଳିକଜିଆ ଲଗାଇଥାନ୍ତି । ସେତିକିବେଳେ ଯେବେ ଗାଈଗୋରୁଗୁଡ଼ାକ ଚମକିଉଠି ଠିଆହୁଅନ୍ତି ତାହାହେଲେ ଭଗିଆ ସେମିତି ଶୋଇ ରହି ପାଟିକରି କହେ - ହେ କଷରା, ହେ କଇଁଫୁଲୀ, ଫେରିଆ ଲୋ ପାଟ, ଶୋଇପଡ଼ ଲୋ ଲାଣ୍ଡି - ସତେ ଯେପରି ମୂକ ଗାଈଗୋରୁଗୁଡ଼ାକ ସହିତ ସେ କଥାବାର୍ତ୍ତା ହେଉଚି ! ତା' ପାଟି ଶୁଣି ଗାଈଗୋରୁ ବି ହଲଚଲ ହୁଅନ୍ତି ନାହିଁ । ଗୋଠରେ ଶାନ୍ତି ରାଜତ୍ୱ କରେ ।

ଭଗି ବେହେରାର ଗତ ପଇଁଚାଳିଶି ବର୍ଷର ଇତିହାସ କେବଳ ସେଇ ଗାଈଗୋଠ ଭିତରେ । ତାର ବାପ, ଗୋସାଇଁ-ବାପ ଏଇ କାମ କରିଯାଇଛନ୍ତି; ସେମାନଙ୍କର ଉପଯୁକ୍ତ ବଂଶଧରରୂପେ ସେଇ ଛୋଟ ଗାଁଟିରେ ସେ ମଧ୍ୟ ପରିଚିତ ହୋଇପଡ଼ିଚି । ଗାଈଗୋଠ ତାର ସଂସାର, କହିଲେ ଚଳେ । ସେ ଭିତରେ ସେ' ଇ ବହୁତ ହସିଚି, ବହୁତ ଖେଳିଚି । ତାର ସାକ୍ଷୀ ଗୋଟିଏ ମୂକ ଜଗତ । ସେ ମୂକ ଭାଷା ଜାଣେ, ମୂକଙ୍କ ଚାହାଣିରୁ ଭାଷା ବୁଝିପାରେ । ମୂକ ପଶୁ-ଜଗତ ସହିତ ଚଳି ଭଗୀ ବେହେରା ହସିଥିଲା, ଖେଳିଥିଲା ସତ; ମାତ୍ର କେବେ କାନ୍ଦି ନ ଥିଲା । ହଠାତ୍ ଦିନେ ତାର କାନ୍ଦିବାବେଳ ଆସି ପହଞ୍ଚିଗଲା । ସେ କାନ୍ଦିଲା, ତାର ସାଙ୍ଗସାଥୀ କାନ୍ଦିଲେ, ସାରା ସଂସାର ବି କାନ୍ଦିଲା ।

୧୯୪୩ ସାଲ ଘଟଣା । ଗୃହିଣୀ ଶରଧା ଯେତେବେଳେ ଘୋଟଣା ଧରି ଗୋଠକୁ ଆସେ, ଭଗୀ ବେହେରା ଆଗ ତା' ଠାରୁ ବୁଝିନିଏ କେଉଁ ସାଉକାର କେଉଁ ଦିନ ତା' ଗୋଠରୁ କେଉଁ ଗାଈ-ବଳଦକୁ ବିକିବା କଥା ଠିକ୍ କରିଚି । ଶରଧା କହିଯାଏ, ଆଉ, ସେ ଖାଲି ନୀରବରେ ଶୁଣି ଗୋଟାଏ ଦୀର୍ଘଶ୍ୱାସ ଛାଡ଼ିଦିଏ । ଶୁଣେ - ରଥେ କହୁଥିଲେ, ଆଠଦିନ ଭିତରେ କଇଁଫୁଲୀଟିକି ନ ବିକିଲେ ଦି' ମାସ ପରେ ପାଣ ହାତେ ଦେବେ ବୋଲି ବଇନା ରଖିଛନ୍ତି । ଦି' ଫଳି କାଳୀ ଗାଈଟିକୁ ଦାସଘର ଧାନ ପନ୍ଦର ଗୌଣୀକୁ ଦେବେ ବୋଲି ଆଗତୁରା ପାଞ୍ଚ ଗୌଣୀ ଧାନ ମକଦ୍ଦମଘରୁ ନେଇଆସିଲେଣି । କାଲି ସନ୍ଧ୍ୟାରେ ମୁଖୁରୀ ପଠାଣ ଆସି ଗାଁଯାକ ବୁଲି ସାତ ଆଠଟା ହଡ଼ାଙ୍କୁ ବଇନା ଦେଇ ଯାଇଚି ବୋଲି ପରିଡ଼େ କହୁଥିଲେ... ଇତ୍ୟାଦି ନାନା ଖବର । ଭଗିଆ ଏ ସବୁ କଥା ଶୁଣେ, ମୁଣ୍ଡରେ ହାତ ଦେଇ ଥକା ହୋଇ ବସିରହେ । କେତେ କ' ଣ ଭାବେ । ଖାଇବା କଥା ସେ ଏକାବେଳକେ ପାଶୋରିପକାଏ । ଶରଧା ତା' ପିଠିକି ହାତମାରି କହେ - "ଭାବୁଚ କ' ଣ ? ଖାଇଲେ ଯିବି ପରା ଧାନ ପାଇଁ ? କାଲି ତ ତିନିଖଣ୍ଡ ଗାଁ ବୁଲି ବୁଲି ଫେରିଲି । ଶୁଣିଚି, ରାତି ଅଧ ଦେଖି ନାହାକଘର ପାଞ୍ଚ ଅଡ଼ା ଦରରେ ବିକୁଚନ୍ତି । ସେଠୁ ହେଲେ ଟଙ୍କାକର ଆଣିଲେ ଚଳିବ । ରାତି ଅଧ, ଦି' କୋଶ ବାଟ, ଯିବି ଆସିବି, ମୁଁ କରିବି କ' ଣ ? ଓହୋ, କି କାଳ ହୋଇଗଲା !"

ଶରଧା ସ୍ୱାମୀକୁ ଜାଗ୍ରତ କରିବାକୁ ଯାଇ ନିଜେ ସେଇପରି ଗୋଟାଏ ଚିନ୍ତାରେ ମୁଣ୍ଡ ପୋତି ବସେ । ତା' ମୁହଁରେ ବିଷାଦର ଛାୟା ଦେଖି ଭଗିଆ କହେ - "ତମେ ଏପରି ହେଲେ ଚଳିବ ? ମୁଁ କାଲି ଯିବି, ଗାଁଲୋକଙ୍କୁ ବୁଝେଇବି ଗାଈଗୋରୁ ନ ବିକିବାକୁ ।" ଶରଧା ଏ କଥା ଶୁଣି କହେ - "ତୁମେ କ' ଣ ଏ ଗାଈଗୋରୁଙ୍କ ଛଡ଼ା ଆଉ କିଛି ଭାବିବ ନାହିଁ ? ମୁଁ ତ କହୁଚି ଧାନ କେମିତି ପାଇବି, ତୁମେ କହୁଚ ଗାଈଗୋରୁ କିଣାବିକା କଥା ।" ଶରଧା ମୁହଁରୁ ଏପରି ଶୁଣି ଭଗିଆ କିଛି ଉତ୍ତର ଦିଏନାହିଁ । ଚାରିପଟେ ଶୋଇଥିବା, ଠିଆହୋଇଥିବା ଗାଈଗୋରୁଙ୍କୁ ଟିକିଏ ଚାହିଁଦେଇ କଂସାରୁ ଛାଣି ଚାରି ଗୁଣ୍ଡା ତୁଣ୍ଡରେ ପୂରେଇଦିଏ, ତୋରାଣିତକ ଢକଢକ କରି ଏକାନିଶ୍ୱାସକେ ପିଇ ଶେଷ କରିଦେଇ କହେ - ପ୍ରଭୁ ହେ !

ଶରଧା ଅଇଁଠା ବାସନକୁ ପାଖ ଗାଡ଼ିଆରେ ଧୋଇଦେଇ ଧୀରେ ଧୀରେ ଗାଁ ଅଭିମୁଖରେ ଚାଲେ, ଆଉ ଭଗିଆ ତାର ତିନି ସେରିଆ ଓଜନର ଖଡ଼ମ ଦୁଇଟାକୁ ଟାଙ୍ଗର ଭୂଇଁରେ ଠକ୍‌ଠକ୍ ପିଟିଲା ପରି କରି ବାଡ଼ିଟିକୁ ଧରି ଗୋଠ ଭିତରେ ପଶେ । ସେତେବେଳେ ଭଗିଆକୁ ଯେବେ ବାହାର ଲୋକ କିଏ ଦେଖନ୍ତି, ତେବେ ଭାବନ୍ତି ସେ ଗୋଟାଏ ପାଗଳ । ସେ

କଇଁଫୁଲୀର ବେକକୁ ଧରି ତା'  ମୁହଁ ଉପରକୁ ଝୁଲିପଡ଼ି ପଚାରେ - "ସତେ ତୁ ଚାଲିଯିବୁ ? ମୋତେ ଭୁଲିଯିବୁ ? ତୋ' ସାଉକୁ ଖାଇବାକୁ ମିଳଲା ନାଇଁ ବୋଲି ତତେ ବିକିଦେବେ ? ତତେ କାହିଁକି ବିକିବେ, ତାଙ୍କ ପୁଅକୁ କାହିଁକି ବିକିବେ ନାହିଁ ?" କଇଁଫୁଲୀ ଭଗିଆର କଥାକୁ ସତେ ଅବା ନିବିଷ୍ଟଭାବରେ ଶୁଣେ ! କାନଟାକୁ ସୁଦ୍ଧା ହଲାଇଦିଏ ନାହିଁ । ଭଗିଆ ତା'  ମୁହଁ ଉଠାଇ ଆଣି ନିଜ ଆଖିରୁ ଲୁହ ପୋଛି କଇଁଫୁଲୀର ଆଖିରୁ ମଧ ଲୁହ ପୋଛିଦିଏ ।

ଖାଇ ସାରିଲା ପରେ ଗାଇଗୋଠ ଗାଁକୁ ଫେରିଲାଯାଏଁ ଭଗିଆ ବରାବର ଏହିପରି କରେ । ଏପରିଭାବରେ ସେ ମୂକ ପଶୁଗୁଡ଼ାକ ସହିତ କଥାବାର୍ତ୍ତା କରେ ଯେ, ମନ ହୁଏ, ସତେ ଯେପରି ସେ ତାର ପ୍ରଶ୍ନର ଉତ୍ତର ପାଉଛି । ଗୋଟାଏ ହଡ଼ାକୁ କୁଣ୍ଢାଇ କାନ୍ଦି କହେ - "ବର୍ଷକୁ ମାଣ ମାଣ କରି କୋଡ଼ିଏ ମାଣର ମାଟି କୋଡ଼ିଏ ବର୍ଷ ତାଡ଼ିଲୁ; ଏବେ ତତେ ମୁଖୁରୀ କଂସେଇ ନେବ ରେ ଲଛମନ୍ !" ହଡ଼ା ଲଛମନ୍ ଭଗିଆର ଟଣାଓଟରାରେ ହେଉ ବା ତାର ଭାଷା ବୁଝିକରି ହେଉ, ମୁଣ୍ଡକୁ ଲାଡ଼ିଦିଏ । ଭଗିଆ ସେତିକିରେ କାନ୍ଦିପକାଏ । କାହାକୁ ସେ ଆଉଁଶିଦିଏ; କାହାକୁ କିଛି କହିପାରେ ନାହିଁ । କାହା ପାଖେ କେବଳ ଠିଆହୋଇ ଥୋଡ଼ି ତଳେ ଠେଙ୍ଗାଟାକୁ ଭିରାଦେଇ ଚାହିଁରହେ । ସେପରି ଠିଆହେଲାବେଳେ ଦୂରରୁ ଦିଶେ ସତେ ଯେପରି ତାହା ଏକ ସୁଦକ୍ଷ ଶିଳ୍ପୀହାତର ମୂର୍ତ୍ତି ! କାହାକୁ ସେ କୁଣ୍ଢାଇ ଧରି କହେ - "ଆଉ କାଲିଠୁ ଆସିବୁ ନାଇଁ ଲୋ, ଆସିବୁ ନାଇଁ । ଯିବୁ କଂସେଇଖାନାକୁ ।"  କହିଲାବେଳେ ତାର କଣ୍ଠରୋଧ ହୋଇଯାଏ । ଦିନେ ସେ ଗୋଟିଏ ବାଛୁରୀକି କୋଳରେ ଧରି ପିଲାକୁ କହିଲାପରି କହୁଥିଲା । ଶୁଣିଥିଲା ତା'  ମାଆକୁ ସାଉକାର ବିକି ଦେଇଚି । କହିଲା - "କାନ୍ଦ ନା ଲୋ ଚାନ୍ଦି, କାନ୍ଦ ନା । ତୋ' ରି ମା'  ତତେ ପାଳିଚି, ଆଉ, ଏଇ ଗାଁର ଅନେକ ପିଲାଙ୍କୁ ପାଳିଚି । ମଣିଷଗୁଡ଼ାକର କ' ଣ ଭଲ ବୁଦ୍ଧି ଅଛି ?"

ଭଗିଆର ଏ କଥା ବେଳେବେଳେ ଗଉଡୁଣୀ ଶରଧା ଜାଣେ, ଆଉ, ଜାଣନ୍ତି ଅବା ହାଡ଼ଖଣ୍ଡକ ପାଇଁ ମାଡ଼ଗୋଳ ଲାଗୁଥିବା ଆକାଶଚାରୀ କୁଆ ଶାଗୁଣା କିମ୍ବା ଭୂମିଚାରୀ ବିଲୁଆ କୁକୁର - ଆଉ କିଏ ନୁହନ୍ତି ।

X X X X

ଏଇ ଘଟଣାର ଦୁଇ ମାସ ପରେ ଖବରକାଗଜରେ ଦେଖାଗଲା ଓଡ଼ିଶା ସରକାରଙ୍କ ଇସ୍ତାହାର - ବିନା ଲାଇସେନ୍‌ସରେ କେହି ଗାଈଗୋରୁ ବାହାରକୁ ରପ୍ତାନି କରିପାରିବ ନାହିଁ ଏବଂ ଓଡ଼ିଶାର ଏଇ କ୍ଷୁଦ୍ର ମଫସଲ ଗାଁର ଗାଈଗୋଠରେ ଦେଖାଗଲା - ଗୋଠ ନିତାନ୍ତ ପତଳା ହୋଇ ଦୁଇଶହରୁ ପଞ୍ଚସ୍ତରୀ ସଂଖ୍ୟାକୁ କମିଆସିଚି ! ଏହା ସଙ୍ଗେ ସଙ୍ଗେ ଦେଖାଗଲା ସୁସ୍ଥ ସବଳ ଭଗୀ ବେହେରା ନରକଙ୍କାଳ ବେଶ ଧରି ଗୋଠ ଭିତରେ କେତେବେଳେ ବସିକରି ଲୁହ ପୋଛୁଚି, କେତେବେଳେ ବା ବୁଲି ବୁଲି ଗୁଣୁଗୁଣୁ ହୋଇ କାହା ଉଦ୍ଦେଶ୍ୟରେ କ' ଣ କହୁଚି । ଖଡ଼ମକୁ ସେ ଆଉ ଗୋଡ଼ରେ ବୋହିପାରୁ ନାହିଁ । ଦେହଟାକୁ ବି ଚିରାକନାରେ ଘୋଡ଼ାଇ ପାରୁନାହିଁ । ଶରଧା ପ୍ରତିଦିନ ପରି ମୁଣ୍ଡରେ ଘୋଟଣା ଧରି ଆସୁଚି ସତ; ମାତ୍ର ତାର ସମୟ ଠିକ୍ ରହୁନାହିଁ । ଯାହା ଅବା ସେ ଘୋଟଣା ବୋଲି ଆଣୁଚି, ଭଗିଆ ତାହା ଛୁଉଁନାହିଁ । ତାର କଂସା ତାଟିଆ ଭିତରେ କେତେବେଳେ ବା ଖାଲି ଅନାବନା ଶାଗସିଝା ମେଞ୍ଚାଏ ଥାଇ । କେଉଁ ଦିନ ବା କୁଣ୍ଡା, କିଆକନ୍ଦା, ବରଫଳ, କଇଁନାଡ଼ ସିଝା ଥାଏ । ଶରଧା ଆଣେ, ଭଗିଆ ଖାଇବସିଲେ ସେ କାନ୍ଦିପକାଏ । ଯୌବନର ଯେଉଁ ମାଂସଳ ଦେହଟାକୁ ସେ ଆଉଁଶିଥିଲା ତାହାର ଏକ ବିକୃତ ଛବିକୁ ସେ ଆଉଁଶି ପକାଇ କାନ୍ଦ କାନ୍ଦ ହୋଇ କହେ - "ପେଟ ପୋଡ଼ିଯିବାରୁ ତ ସମସ୍ତେ ଗାଈ ବଳଦ ବିକିଦେଲେ; ଆମେ କିମିତି ଚଳିବା ?"

ଭଗିଆ ଏକଥା ଶୁଣି କେବଳ ଗାଈଗୋଠକୁ ବୁଲି ଚାହେଁ । ତାର କୋହ ଉଠେ । ଶରଧା ବି ତଳେ ହାତଭରା ଦେଇ, ଆଣ୍ଠୁ ଉପରେ ମୁଣ୍ଡଟା ରଖି ବସିରହେ । ଗଛ ସେପଟେ ଚିତ୍କାର ଶୁଣି ଭଗିଆ ମୁହଁ ବୁଲାଇ ଦେଖେ କାହାର ଖଣ୍ଡେ ଛାତିହାଡ଼ର ରେକଟା ମାଂସ ପାଇଁ ଦୁଇ-ଚାରିଟା ଶାଗୁଣା ବିଲୁଆ ବିବାଦ ଲଗାଇଛନ୍ତି! ସେ ଶରଧା ଦେହରେ ହାତ ମାରି, ତାକୁ ମୋହନିଦ୍ରାରୁ ଉଠାଇ କହେ - "ଯା, ମୁଁ ଗାଈ ନେଇ ଯାଉଚି ।"

ଏଇପରି ଭାବରେ କେତେ ଦିନ ଚାଲିଲା ।

ଏହା ଭଗିଆର ପୂରା ଜୀବନୀ ନୁହେ; ଲୋକଚକ୍ଷୁରେ ତା' ର ତୁଚ୍ଛ ଅବହେଳିତ ଜୀବନର କେତୋଟି ଘଟଣା ମାତ୍ର । ଏଠାରେ ଯାହା କୁହାଗଲା; ତା' ଠାରୁ ବେଶି ଅକୁହା ରହିଲା । ଭଗିଆ ଗଉଡ଼ ଭାବରେ ଆସି ଗଉଡ଼ଭାବରେ ଚାଲିଗଲା । ସେ ବେକାର ଭାବରେ ଆସି ହାକିମଭାବରେ ସଂସାର ଛାଡ଼ିନାହିଁ କି ଦରିଦ୍ରଭାବରେ ଆସି ବେପାରୀ ଭାବରେ ଯାଇନାହିଁ । ସେ ଆସିଲାବେଳେ ତା' ବାପ ମା', ତା' ଗାଁଲୋକେ, ତା' ବନ୍ଧୁବାନ୍ଧବ ସମସ୍ତେ ଭାବିଥିଲେ ସେ ଗଉଡ଼ ହୋଇ ଆସିଚି, ଗଲାବେଳେ ବି ସାରା ସଂସାର ଦେଖିଲା ସେ ନିତାନ୍ତ ନିଷ୍ପାପର ଗଉଡ଼ରୂପରେ ଚାଲିଯାଇଚି ।

ଗାଈଗୋଠରେ ରହି, ଗାଁଗହଳରେ ଅନେକ ଗାଉଁଲି ଗୀତ ଭଗିଆ ଯୋଡ଼ିଶିଖିଥିଲା, କେତେ ଲୋକଙ୍କୁ ଶୁଣାଇଥିଲା; ମାତ୍ର ତାର ଏଇ କବିପଣିଆ ପାଇଁ ଓଡ଼ିଶାର ସାହିତ୍ୟ-ସମାଜରେ ତା' ଲାଗି ଶୋକସଭା ହେଲାନାହିଁ । ସେ ବୀର ପରି ବାଘ ସଙ୍ଗେ ଲଢ଼େଇ କରି କେତେ ଗାଈଗୋରୁଙ୍କୁ ରକ୍ଷା କରିଥିଲା, ମାତ୍ର ସେହି ବୀରତ୍ୱ କାହାଣୀ କେହି ଟିପି ରଖିପାରିଲେ ନାହିଁ । ସମୟ-ଅସମୟରେ କେତେ ରୋଗରେ କେତେ ଲୋକଙ୍କୁ ସେ କେତେ ଠୁଣ୍ଠୁଣୁକିଆ ଚେରମୂଳ ଦେଇ ଭଲ କରିଥିଲା, ଲୋକସେବା କରିଥିଲା; ମାତ୍ର ସେବକ-ସମାଜରେ ତାର ନାଁ ରହିଲାନାହିଁ । ଦେଖା- ଗଲା, ଯେଉଁ ମଶାଣି ପାଖେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଗାଈଗୋଠକୁ ଖରା-ବର୍ଷାରେ ବିଶ୍ରାମ ଦେଉଥିଲା, ସେଇ ମଶାଣି ପଡ଼ିଆରେ ଶେଷରେ ସେ ନିଜେ ଶେଷ-ବିଶ୍ରାମ ନେଲା । ତା' ପାଇଁ ନିଆଁ ଜଳିଲା ନାହିଁ, ତା' ପାଇଁ କାଠ ବୁହାଗଲା ନାହିଁ, ତାକୁ କୋକେଇରେ ବି ଅଣାଗଲା ନାହିଁ । ତାର ଜୀବନ ସାଥୀ ଶରଧା ତାକୁ କାନ୍ଧରେ ଟେକିଆଣି ସେଇ ନିତି-ପରିଚିତ ବିରାଟ ବରଗଛ ଛାଇ ତଳେ ଶୁଆଇଦେଲା । ସେ ଅଧିକାର ସେ ଆଉ କାହାକୁ ଦେଲା ନାହିଁ ।

ଏଇ ଘଟଣାର ପରଦିନ ଦେଖାଗଲା ସେଇ କ୍ଷୁଦ୍ର ମଫସଲର କ୍ଷୁଦ୍ରତମ ଗାଈଗୋଠ ଗୋଟାଏ ଶବର ଚାରିପଟେ ଘେରି ରହି ଠିଆହୋଇଚନ୍ତି । ତାହା ଦେଖି ମନେହେଲା ସତେ ଯେପରି ସେଇ ମୂକ ପଶୁସମାଜ ଭଗିଆର ମୃତ୍ୟୁରେ ପରିଚିତ ତୋଟା, ପରିଚିତ ମଶାଣି ପଡ଼ିଆରେ ଶୋକସଭା କରୁଥିଲେ !!